চৌধুরী গৌতম কুমার সরন

*বনাম*

ଓଡ଼ିଶା କ୍ରୀଡ଼ା ଏବଂ ଯୁବ ସେବା ନିର୍ଦ୍ଦେଶକ

ଏବଂ ଅନ୍ୟମାନେ

ସେପ୍ଟେମ୍ବର 6,1996

[କେ. ରାମସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତି ଦ୍ୱୟ]

*ସେବା ଆଇନ:*

*ଓଡ଼ିଶା ଅଡିଟର୍ସ୍ ସର୍ଭିସ୍ (ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମ, 1987:*

*ଅନୁସୂଚୀ 1–ନିୟମ 6– ବରିଷ୍ଠ ଅଡିଟର ପଦବୀକୁ ମନୋନୀତ – ବିଦ୍ୟାଳୟ ଯୋଗ୍ୟତା ପରୀକ୍ଷାରେ ପ୍ରାର୍ଥୀଙ୍କ ଦ୍ୱାରା ପ୍ରାପ୍ତ ଅଙ୍କ – ପ୍ରାପ୍ତ – ଉଚିତ ବୋଲି କୁହାଯାଇଛି ।*

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ସ୍ୱତନ୍ତ୍ର ଅନୁମତି ଆବେଦନ (ସି) 16871/1996

ତା 17.6.96 ରିଖରେ ଓ. ଏ. ସଂଖ୍ୟା 875/1994ରେ ଭୁବନେଶ୍ୱର ସ୍ଥିତ ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଆସିଛି ।

ଆବେଦନକାରୀଙ୍କ ପାଇଁ ଏଚ. କେ. ପୁରୀ,

ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଏହି ସ୍ୱତନ୍ତ୍ର ଅନୁମତି ଆବେଦନ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ଭୁବନେଶ୍ୱର ବିଚାରପୀଠଙ୍କ ଆଦେଶରୁ ଉତ୍ପନ୍ନ ହୋଇଛି, ଯାହା ଜୁନ୍ 17,1996 ମସିହାରେ ଓ.ଏ. ସଂଖ୍ୟା 875/94 ରେ ପ୍ରଦାନ କରାଯାଇଥିଲା । ବରିଷ୍ଠ ଅଡିଟର ପଦବୀରେ ନିଯୁକ୍ତି ପାଇଁ ଆବେଦନପତ୍ର ଆହ୍ୱାନ କରାଯାଇଥିଲା । ଆବେଦନକାରୀ ମଧ୍ୟ ଯିଏ ପ୍ରାସଙ୍ଗିକ ସମୟରେ କାମଚଳା ଭାବେ କାର୍ଯ୍ୟ କରୁଥିଲେ ଉକ୍ତ ପଦବୀରେ ଚୟନ ପାଇଁ ଆବେଦନ କରିଥିଲେ । ଚୟନରେ ତିନି ଜଣ ପ୍ରାର୍ଥୀ, ଯଥା, ବାଣିଜ୍ୟରେ ସ୍ନାତକୋତ୍ତର ହାସଲ କରିଥିବା ଏସ୍. ସାହୁ, ବାଣିଜ୍ୟ ସମ୍ମାନରେ ସ୍ନାତକ ହାସଲ କରିଥିବା ରାଓ ଏବଂ ବାଣିଜ୍ୟରେ ସ୍ନାତକ ହାସଲ

କରିଥିବା ଆବେଦନକାରୀ I ସାହୁ ମୌଖିକରେ 17 ଅଙ୍କ ହାସଲ କରିଥିଲେ; ସର୍ବନିମ୍ନ ଯୋଗ୍ୟତା ପାଇଁ 2 ଅଙ୍କ ପାଇବା ଦରକାର ଥିଲାବେଳେ ସ୍ନାତକୋତ୍ତରଙ୍କୁ ମୋଟ 24 ଅଙ୍କରୁ 5 ଅଙ୍କ ଦରକାର ଥିଲା |ରାଓ ମୌଖିକରେ 15-1/2 ଅଙ୍କ , ସ୍ନାତକ ପାଇଁ 2 ଅଙ୍କ, ସ୍ନାତକ ସମ୍ମାନ ପାଇଁ 3 ଅଙ୍କ ଭାବେ ମୋଟ 20-1/2 ଅଙ୍କ ହାସଲ  କରିଥିଲେ I ଆବେଦନକାରୀ ମୌଖିକରେ 18 ଅଙ୍କ, ବାଣିଜ୍ୟ ସ୍ନାତକରେ 2 ଅଙ୍କ ହାସଲ କରି ମୋଟ 20 ଅଙ୍କ ହାସଲ କରିଥିଲେ I ଏହିପରି, ସାହୁ ସର୍ବାଧିକ ଅଙ୍କ ହାସଲ କରିବା ପରେ ମନୋନୀତ ହୋଇଥିଲେ I ଚୟନକୁ ବିରୋଧ କରି ଆବେଦନକାରୀ ନ୍ୟାୟାଧିକରଣରେ ଓ.ଏ. ଦାଖଲ କରିଥିଲେ I ନ୍ୟାୟାଧିକରଣ ଏହାକୁ ପ୍ରତ୍ୟାଖ୍ୟାନ କରି କହିଥିଲେ ଯେ ଗ୍ରହଣ କରାଯାଇଥିବା ପ୍ରକ୍ରିୟା ଆଇନରେ ବୈଧ ଏବଂ ଏଥିରେ କୌଣସି ହସ୍ତକ୍ଷେପ କରିବାର ଆବଶ୍ୟକ ନାହିଁI

ଆବେଦନକାରୀଙ୍କ ବିଦ୍ୱାନ ଓକିଲ ଶ୍ରୀ ଏଚ. କେ. ପୁରୀ ଯୁକ୍ତି ବାଢ଼ିଥିଲେ ଯେ ଓଡ଼ିଶା ଅଡିଟର୍ସ୍ ସର୍ଭିସ୍ (ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମ, 1987 ର ଅନୁସୂଚୀ-1 ର ନିୟମ 6 ରେ କୁହାଯାଇଛି ଯେ ଶିକ୍ଷାଗତ ଯୋଗ୍ୟତା ପାଇଁ କୌଣସି ଅତିରିକ୍ତ ଗୁରୁତ୍ୱ ଦିଆଯିବା ଉଚିତ ନୁହେଁ ଏବଂ ତେଣୁ, ବାଣିଜ୍ୟ ଏବଂ ବାଣିଜ୍ୟ ସମ୍ମାନରେ ସ୍ନାତକୋତ୍ତର ପାଇଁ ସାହୁ ଏବଂ ରାଓଙ୍କୁ ଅଙ୍କ ପ୍ରଦାନ କରିବା ବେଆଇନ I ବିବାଦରେ ଆମେ କୌଣସି କାରଣ ପାଉନାହୁଁ I ଉପରୋକ୍ତ ନିୟମାବଳୀର ଅନୁସୂଚୀ-1ର ଧାରା (6) କୁ ନିମ୍ନଲିଖିତ ଭାବେ ପାଠ କରାଯାଏ:

> "6. ଶିକ୍ଷାଗତ ଯୋଗ୍ୟତା – ଉଚ୍ଚ ମାଧ୍ୟମିକ ସାର୍ଟିଫିକେଟ୍ ପରୀକ୍ଷାରୁ ସ୍ନାତକ ପରୀକ୍ଷା ପର୍ଯ୍ୟନ୍ତ ହାସଲ କରିଥିବା ଅଙ୍କ ଶିକ୍ଷାଗତ ଯୋଗ୍ୟତା ପାଇଁ ଅଙ୍କ ପ୍ରଦାନ କରିବାର ଆଧାର ହେବ | ଉଚ୍ଚତର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା କୌଣସି ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦିଆଯିବ ନାହିଁ I ଶିକ୍ଷାଗତ ଯୋଗ୍ୟତା ପରୀକ୍ଷାରେ ଜଣେ ପ୍ରାର୍ଥୀଙ୍କ ଦ୍ୱାରା ପ୍ରାପ୍ତ ଅଙ୍କ ପରୀକ୍ଷାରେ ତାଙ୍କ ଦ୍ୱାରା ପ୍ରାପ୍ତ ଅଙ୍କ ପରସ୍ପର ମଧ୍ୟରେ ଯୋଡାଯିବ ଏବଂ ଏହିପରି ପ୍ରାପ୍ତ ଅଙ୍କର ସମଷ୍ଟି ଦ୍ୱାରା ଚୟନ ସମିତି ଦ୍ୱାରା ପ୍ରସ୍ତୁତ ହେବାକୁ ଥିବା ଚୟନ ତାଲିକାରେ ତାଙ୍କର ସ୍ଥିତିକୁ ସ୍ଥିର କରିବ |"

ଏହାକୁ ପଢ଼ିବା ଦ୍ୱାରା ଜଣାପଡ଼ିବ ଯେ ଉଚ୍ଚ ମାଧ୍ୟମିକ ସାର୍ଟିଫିକେଟ୍ ପରୀକ୍ଷା ଠାରୁ ଆରମ୍ଭ କରି ସ୍ନାତକ ପରୀକ୍ଷା ପର୍ଯ୍ୟନ୍ତ ମିଳିଥିବା ଅଙ୍କ, ଶିକ୍ଷାଗତ ଯୋଗ୍ୟତା ପାଇଁ ଅଙ୍କ ପ୍ରଦାନ କରିବାର ଆଧାର ହେବIଉଚ୍ଚ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା କୌଣସି ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦିଆଯାଇ ନାହିଁ | ତଥାପି, ଦ୍ୱିତୀୟ ଖଣ୍ଡ ସୂଚିତ କରେ ଯେ ଶିକ୍ଷାଗତ ଯୋଗ୍ୟତା ପରୀକ୍ଷାରେ ଜଣେ ପ୍ରାର୍ଥୀଙ୍କ ଦ୍ୱାରା ପ୍ରାପ୍ତ ମାର୍କ ଲିଖିତ ପରୀକ୍ଷା

ତଥା ମୌଖିକ ପରୀକ୍ଷାରେ ପ୍ରାପ୍ତ ଅଙ୍କ ସହିତ ଯୋଡାଯିବ ଏବଂ ଏହିପରି ପ୍ରାପ୍ତ ଅଙ୍କର ସମଷ୍ଟିରେ ଚୟନ ସମିତି ଦ୍ୱାରା ପ୍ରସ୍ତୁତ ହେବାକୁ ଥିବା ଚୟନ ତାଲିକାରେ ତାଙ୍କର ସ୍ଥାନକୁ ସ୍ଥିର କରିବ | ତେଣୁ ଏହା ଦେଖିବାକୁ ମିଳିବ ଯେ ନିୟମର ଦ୍ୱିତୀୟ ଭାଗ ଚୟନ ସମିତିକୁ ସ୍ନାତକୋତ୍ତର କିମ୍ବା ସ୍ନାତକ ସମ୍ମାନ *ପାଇଁ ଗୁରୁତ୍ୱ* ନଦେଇ ଶିକ୍ଷାଗତ ଯୋଗ୍ୟତା ପାଇଁ ଉପଯୁକ୍ତ ଅଙ୍କ ପ୍ରଦାନ କରିବାର କ୍ଷମତା ପ୍ରଦାନ କରିଥାଏ କାରଣ ସେହି ଯୋଗ୍ୟତା ପାଇଁ ଏହିପରି ପ୍ରାର୍ଥୀଙ୍କ ଦ୍ୱାରା ପ୍ରାପ୍ତ ଅଙ୍କ ଲିଖିତ ପରୀକ୍ଷା ତଥା ମୌଖିକ ପରୀକ୍ଷାରେ ଦ୍ୱାରା ପ୍ରାପ୍ତ ଅଙ୍କସହିତ ଯୋଡାଯିବ ଏବଂ ଚୟନ ବୋର୍ଡ ଦ୍ୱାରା ପ୍ରସ୍ତୁତ ହେବାକୁ ଥିବା ଚୟନ ତାଲିକାରେ ପରସ୍ପର ମଧ୍ୟରେ ପଦବୀ ନିର୍ଣ୍ଣୟ କରିବା ପାଇଁ ସମସ୍ତଙ୍କର ସମଷ୍ଟି ଆଧାର ହେବା ଉଚିତ।

ତେଣୁ, ଆମେ ବିଶ୍ୱାସ କରୁ ଯେ ଚୟନ ବୋର୍ଡ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରାର୍ଥୀ ଚୟନ ପ୍ରକ୍ରିୟା ନିୟମର ଅନୁସୂଚୀ-1ର ଧାରା (6) ସହିତ ସୁସଂଗତ । ତେଣୁ ନ୍ୟାୟାଧିକରଣ ହସ୍ତକ୍ଷେପ ନକରି କୌଣସି ତ୍ରୁଟି କରିନାହାନ୍ତି ।

ସେହି ଅନୁଯାୟୀ ସ୍ୱତନ୍ତ୍ର ଅନୁମତି ଆବେଦନକୁ ଖାରଜ କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ.                                   ଆବେଦନକୁ ଖାରଜ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

<u>TRANSLATED BY</u>:

*Shri Jatadhari Sethi*

Translator, High Court of Orissa, Cuttack.